# ଝୁଲକା

**VOLUME : 2024/03**

**PUSHPUNI EDITION**













**QUARTERLY SOUVENIR OF PASCHIM ODISHA SANSKRUTIK PARISHAD ROURKELA**

# PASCHIM ODISHA SANSRUTIK PARISHAD ROURKELA

## INCUMBENT LIST

### PRESIDENT



Dr Bhabagrahi Mohapatra



Dr Ram Chandra Meher



Sri Madhusudan Badapanda



Sri Adwita Kumar Panda



Sri Adwita Kumar Panda



Sri Girija Shankar Dwibedi



Sri Bhagaban Pati



Sri Bhagaban Pati



Sri Swaroop Kumar Panigrahi

### GENERAL SECRETARY



Sri Harachand Badapanda

Sri Chakra Dhar Nayak



Sri Lalit Pandey



Sri Lalit Pandey



Sri Bharat Kishor Mahanand



Sri Swaroop Kumar Panigrahi



Sri Swaroop Kumar Panigrahi



Sri Sudhir Mishra



Sri Prakash Chandra Padhi

**ସତ୍ୟରେ ମରିବି ସତ୍ୟରେ ତରିବି ଏହି ଆଜ୍ଞା ମୋତେ ହେଉ**
**ଭଣେ ଭୀମଭୋଇ ଏ ମର୍ତ୍ତ୍ୟ ମଣ୍ଡଳେ ଯଶ ଅପଯଶ ଥାଉ ।**
**ସନ୍ଥକବି ଭୀମଭୋଇ**

## ସମ୍ପାଦକୀୟ...



**ଡ. ସୁବୋଧ କୁମାର ମେହେର**

ଛେର୍ ବୁଢ଼ି ଛେର୍ ଛେରା
ଦିଅ ଗଅଁତିଆ ଛେର୍ ଛେରା ।
ଛେର୍ ବୁଢ଼ି ଛେର୍ ଛେରା
ଇ ଘରର୍ ବୁଢ଼ି କାହିଁଗଲା ।
ମଡାପିଠା ଦେମି କହିଥିଲା ।
ଫୁଷ୍‌ପୁନି ମଡା ମାଗଲା ବେଲ୍‌କେ
ଘର୍ ଭିତରେ ରହିଗଲା ।
ଛେର୍ ବୁଢ଼ି ଛେର୍ ଛେରା ।

ଅମଲ୍ କରିଥିବା ଫସଲ୍‌ର ତିହାର୍ ଫୁଷ୍‌ପୁନି... ଆଉ ସେ ଫସଲ୍ କେ ଦେଖିକରି ଖୁସିଥି ସନ୍ତୋଷ ଅନୁଭବ କର୍‌ବାର୍ ତିହାର୍ ଫୁଷ୍‌ପୁନି.... ଦେଦେବତା ପୂଜା ଛାଡ଼ି ପେଟ୍‌ପୂଜା ର ତିହାର୍ ଫୁଷ୍‌ପୁନି... ମଡାପିଠା, ରସ୍‌ବରା, ମୁଗ୍‌ବରା ଆଉ ତା'ର୍ ସାଙ୍ଗେ ଶିକାର୍ ଝୋଲ୍ ର ତିହାର୍ ହେଉଛେ ଫୁଷ୍‌ପୁନି.... । ଛଅ ତୁନ୍, ନଅ ଭଜା କରି ନିଜେ ନିଜର୍ କୁଟୁମ୍ ବାଟୁମ୍ ସାଙ୍ଗେ ମିଶି କରି ଖାଏବାର୍ ତିହାର୍ ହେଉଛେ ଫୁଷ୍‌ପୁନି... । ଆଉ ନିଜେ ଖାଏବାର୍ ସାଙ୍ଗେ ଯାହାର୍ ନାଇନ ତାହାକେ ଭି ଦେବାର୍ ତିହାର୍ ଫୁଷ୍‌ପୁନି... । ସଭେ ଖାଇକରି ଛୋଟ ବଡ ଧନୀ ଗରିବ୍ ସମ୍‌କର୍ ସାଙ୍ଗେ ଢୋଲ୍ ନିଶାନ୍ ତାସାର୍ ତାଲେ ତାଲେ ନାଚ୍‌ବାର୍ ତିହାର୍ ଫୁଷ୍‌ପୁନି.... । କୁକରାମାଡ୍, ଗରହାମାଡ୍, ସାତ୍‌ଗାତି, ହୁମୋବଉଲିର୍ ତିହାର୍ ଫୁଷ୍‌ପୁନି... । ଗଅଁତିଆ ଆଉ ଗୁତି ମିଶିକରି ମନାବାର୍ ତିହାର୍ ହେଉଛେ ଫୁଷ୍‌ପୁନି.... । ଆଉ ବର୍ଷକର୍ ଭୁତି ପାଇ କରି କାମରୁ ନିସ୍ତାର୍ ପାଏବାର୍ ତିହାର୍ ହେଉଛେ ଫୁଷ୍‌ପୁନି... । ଫୁଷ୍‌ପୁନି ଗୁଟେ ଏନ୍ତା ଅସରନ୍ତି ମଉଜ୍ ମସ୍ତିର୍ ପ୍ରତିକ୍ ଯେ ଲୋକ୍ କହେସନ୍ "ତା'ର୍ ତ ଫୁଷ୍‌ପୁନି ବୋ...." । ଆପଣ ମାନକର୍ ସମକର୍ ଫୁଷ୍‌ପୁନି ଆଉ ମୋର୍ ଫୁଷ୍‌ପୁନି ମନାବାର ସାଙ୍ଗେ ସାଙ୍ଗେ ସମ୍‌କୁ ମୋର୍ ଫୁଷ୍‌ପୁନି ଜୁହାର୍ ।

ପଶ୍ଚିମ୍ ଓଡ଼ିଶା ସାଂସ୍କୃତିକ୍ ପରିଷଦ୍ ତରଫନୁ ପ୍ରକାଶିତ୍ ହେଉଥିବା ଇ-ମେଗାଜିନ୍‌ର ପହେଲା ଦୁଇଟା ସଂସ୍କରଣକେ ଲୋକ୍ ଆଦରି ହେଇଥିବା ଲାଗି ଆମେ ବହୁତ୍ ଉତ୍ସାହିତ୍ ଅଛୁଁ । ଇହାଦେ"ଝୁଲକା"ର ଫୁଷ୍‌ପୁନି ସଂସ୍କରଣ୍ ତଥା ଇ ବର୍ଷର୍ ଶେଷ୍ ସଂସ୍କରଣ୍ ପ୍ରକାଶିତ୍ ହେଉଛେ । ଇ ସଂସ୍କରଣ୍ ରେ ପହେଲା କରି ପଦାଧିକାରୀ ତାଲିକା ଭି ସ୍ଥାନ ପାଇଛେ । "ଝୁଲକା" ରେ ଅନେକ ଛୋଟ୍ ବଡ୍ ଲେଖକ୍ ଲେଖିକାମାନକର୍ ଲେଖା କେ ଆମେ ସମ୍ମାନ୍‌ର ସହିତ୍ ପ୍ରକାଶ୍ କରୁଥିବାର୍ ଲାଗି ଆମେ ବହୁତ୍ ଖୁସି ଅଛୁଁ । ତାଙ୍କର୍ ସହଯୋଗ୍‌ର ଲାଗି ତାଙ୍କୁ ଭି ଧନ୍ୟବାଦ୍ ଦଉଛୁଁ । ଆଗ୍‌କେ ଭି ତାଙ୍କର୍ ସହଯୋଗ୍ ଆମେ କାମନା କରୁଛୁଁ । ପଶ୍ଚିମ୍ ଓଡ଼ିଶା ସାଂସ୍କୃତିକ୍ ପରିଷଦ୍ ମୋତେ ଇ ଦାୟିତ୍ୱ ଦେଇଥିବାରୁ ମୁଇଁ ତାଙ୍କର ଉପରେ ଆଭାରି ।

ସମସ୍ତଙ୍କୁ ୨୦୨୫ ନବବର୍ଷର ଶୁଭେଚ୍ଛା । ଆପଣ୍‌ମାନ୍‌କର୍ ସବୁଦିନ୍ ଫୁଷ୍‌ପୁନି ଲେଖେଁ ବିତୁ । ସମକର୍ ମଙ୍ଗଲ୍ କାମନା କରୁଛେଁ ।

**ଜୟ ମା ସମଲେଇ... !**

## ସମ୍ପାଦନା ମଣ୍ଡଳୀ



Sri Pitabas Pradhan



Sri Suryanarayan Padhee



Dr Kishori Dash



Dr Ajaya Kumar Mishra



Sri Debabrata Gartia

# Messages...

## President



**SRI SWAROOP PANIGRAHI**

Samastanku Nua Barsa 2025 ra Suvechha. The 3rd edition of our parishad's e-magazine "JULKA" is being released on the occasion of Pushpuni during celebration of Pushpuni Vetghat-2025. Our Magazine team including all the associated members deserves an applaud for bringing out each edition in time.

Apart from Nuakhai, "Puspuni" is another dominating festival of western Odisha. Puspuni is commonly known as CHHER CHHERA and is a great festival of western Odisha to accumulate the culture and agriculture, for renovation and thrilling sensation of brother hood among the people. Sensually this celebration makes the life brilliant, where small beats of happiness are joy for ever. My best wishes & juhar to all the members of the POSP on this occasion of Pushpuni.

I am happy to share that the construction activities of our office building at Sector-8 is continuing in full swing and expected to be completed in a month. We have to plan and execute all the activities in both Cultural and Welfare area for the year 2025 in a befitting manner. For further strengthening our parishad, we need to give a thrust for the membership drive and at the same time for fund generation. I am sure with the constant & untiring efforts of our working members we will be able to achieve the same.

Let us continue this journey of propagating art & culture of Western Odisha in Rourkela and excel in our welfare activities too.

Thank you very much

## ସାଧାରଣ ସଂପାଦକ



**ପ୍ରକାଶ ଚନ୍ଦ୍ର ପାଢୀ**

ସମକୁ ପୁଷପୁନିର ଜୁହାର୍ । ଇ ପରବ୍ ଟା ଆମର୍ ପଶ୍ଚିମ୍ ଓଡ଼ିଶାନେ ଗୁଟେ ଚାଷୀ ଭିଉକ୍ ପରବ ହିସାବେ ମନା ହେସି । ଚାଷୀ ତାର୍ ଫସଲକେ ଅମଲ କଲା ଉତାରୁ ବଡା ଯାକ୍‌ଜମ୍‌କ୍‌ରେ ଭଲ୍ ଖାନ୍‌ପାନ୍‌ର ସହିତ୍ ପୁଷପୁନି ମନାଁସି । ଆଜି ଆମେ ସଭେଁ ଇସ୍ପାତ ନଗରୀ ରାଉରକେଲା ଥି ରହିକରି ଭିଲ୍, ସବୁ ବଛର୍ ଇ ପରବ୍ କେ ମନେଇ ଆସୁଛୁଁ ।

ଗଲା ୨୦୨୩ ପୁଷପୁନିଥିଁ ଆମେ ବଣଭୁଜି ଟେ କରିଥିଲାଁ । ଏସୁଁର୍ ଆମେ ଇତାକେ ଆମର୍ କାର୍ଯ୍ୟାଳୟ ସାମନା ପଡିଆଥି ମନାବାର୍ ଅସଲି କାରଣଟା ହେଲା ଯେ ଆମର୍ ସଦସ୍ୟ ମାନେ ତାଙ୍କର୍ ପରିବାର୍ ସାଙ୍ଗେ ଆସିକରି ରାଉରକେଲାଥି ପଶ୍ଚିମ୍ ଓଡ଼ିଶା ସାଂସ୍କୃତିକ୍ ପରିଷଦ୍‌ର ବିକାଶ କାର୍ଯ୍ୟକେ ଦେଖିକରି ଯାଉନ୍ ।

ଆଜି ମୁଇଁ ଇ ତ୍ରୟମାସିକ୍ ପତ୍ରିକା "**ଝୁଲକା**" ମାଧମ୍ ରେ ଆପଣମାନକୁ ସ୍ୱାଗତ କରି ଅନୁରୋଧ କରୁଛେଁ ଯେ ଆପଣ ମାନେ ଆମକୁ ଆପଣମାନକର୍ ସହଯୋଗର ହାତ୍ ବଢେଇ କରି ଆମର୍ ଅନୁଷ୍ଠାନ୍ କେ ମଜବୁତ୍ କରୁନ୍ ।

**ଧନ୍ୟବାଦ**

# POSP website
## www.posprkl.org

The development of POSP website was started sometime during the month of July, 2024 by a freelancer from Delhi. The design & development has been done keeping in mind the latest overall look of the site as well as the latest software and organizing the content into a more user-friendly. All the specification and documents including the photographs were provided. The navigation has been made so user-friendly that users with no training should be able to use the website.

The Site was Inaugurated & Launched on the occasion of Nuakhai Vetghat-2024 celebration on 22nd September, 2024.




Different items like About POSP, President's Message, Aims and Objectives, POSP By Laws, Executive Council & Committees, EC MOMs, Up coming events & parva parbani, News, Picture Gallery, Provision for Membership, Collection of Donations, Member Search, Display of Member's Birth day & Anniversary, e-magazine, Sambalpuri Calendar, Contact us etc are available in the website. User registration facility with detail profile creation with user and logging in is available in the website. Facility for searching a member with criterion like blood group, native village, district, name etc. is available.



# ନୂଆଁଖାଇ























# ଭେଟଘାଟ
# 2024






























# POSP OFFICE

**Under renovation founded by MPLAD scheme by Hon. MP. Sj. Juel Oram**











# ACHIEVEMENT







# DIABETIC AWARENESS WALK








# DRUG DE-ADDICTION PROGRAMME

















# BARGARH DHANU JATRA 2025









# ବରଗଡ଼ ମଥୁରା ମଥୁରା ଲାଗୁଛେ

**ସୁଧୀର୍ ମିଶ୍ର**
ପ୍ରଧାନପଡ଼ା, ସମ୍ବଲପୁର

ଶୀତଲ ଷଷ୍ଠୀ ଯାତ୍ରା ଦେଖଦବାର ଲାଗି ଜୁନହାଁ ସମ୍ବଲପୁର ଜିଲ୍ଲାର ସବୁ ଗାଁନୁ ଲୋକମାନେ ସମ୍ବଲପୁର ଆସୁଥୁଲେ । ସହରିଆକର୍‌ନୁ ଗଉଁଲିଆକର୍ ଭିଡ୍ ଜହ ହଉଥୁଲା । ହେନ୍ତା କିଛି ଗୁଡି-ହେମାଲି ବରଗଡ୍ଡୁ ଶୀତଲଷଷ୍ଠୀ ଦେଖି ଆସିଥିଲେ । ବରଗଡ଼େ ଇନ୍ତା ଯାତ୍ରାଟେ କରବାର ଲାଗି ମନ୍ କଲେ । ବରଗଡ଼ ଆଡ଼େ କୃଷ୍ଣ ମାହାପୁରୁଙ୍କର୍ ନାଟ୍ ତାମସା ଜହ ହେସି । କୃଷ୍ଣଗୁରୁ, ଡଁଣ୍, ଦାସ କାଠିଆ, ପୁଷପୁନିନ ଗଉଡ଼କର୍ କାଠିଖେଲ, ସଙ୍ଗୀତ ସବୁ କୃଷ୍ଣ ମାହାପୁରୁଙ୍କର ଯାତ୍ରାଥି ହେସି । ସେଥିର ଲାଗି ସେମାନେ ଧନୁଯାତ୍ରା କରବାର ଲାଗି ଠିକ୍ କଲେ । ତେଥରୁ ଚିନ୍ତାକଲେ କେଭେ କରବେ । ବରଗଡ଼ ଅଞ୍ଚଳନ ଚାଷ କାମଟା ମୁଖିଆ କାମ୍ ଆଏ । ପୁଷ ମାସର ଶେଷର ପନ୍ଦର ଦିନ ଚାଷ କାମ ନାଇଁ ଥାଏ । ଘରେ ଧାନ ଚାଉଲ ଭର୍ତ୍ତିଥିସି । ମନଟା ବହୁତ ଉସଦ୍ ଆନନ୍ଦ୍ ଥିସି । ସେ ସମିୟାନ ଯାତ୍ରା କରବାର୍ ଲାଗି ଠିକ୍ କଲେ ।

ପହେଲା ଷୁଲହ ଦିନ ଯାତ୍ରା ହେଉଥିଲା । ସେଟା ଇହାଦେ ଏଗାର ଦିନ୍ କେ ଉତରି ଆଇଛେ । ଉଗ୍ରେସନଙ୍କର ଭଲ୍ ଶାସନନୁ ଆରମ୍ଭ ହେଇକରି କଂସର ଅତ୍ୟାଚାରୀ ଶାସନ ଦେଇକରି କୃଷ୍ଣ ମାହାପୁରୁ କଂସକେ ମାରଲା ଉତରୁ ଉଗ୍ରେସନ୍ ମହାରାଜକେ ରାଜଗାଦିନ ବସେଇ କରି ଯାତ୍ରା ଶେଷ ହେଇଛେ ।

କୃଷ୍ଣ ମାହାପୁରୁ ହେଲେ ବି ଧନୁଯାତ୍ରାର ମୁଖିଆ କଂସ୍ ଆଏ । ବରଗଡ଼ ସହରକେ ମାହାପୁରୁ ଇନ୍ତା ବନେଇଛନ ଯେ, ଇଟା ମଥୁରା ମଥୁରା ଲାଗସି । ଅମ୍ବାପାଲି (ଗୋପପୁର) ଆର୍ ବରଗଡ଼ (ମଥୁରା) ମଝିନ ଜୀରା (ଯମୁନା) ନଦୀ ବୁହି ଯାଇଛେ । ଇତାର ବିଶେଷ କଥା ଯେ ସାରା ବରଗଡ଼ ସହରଟା ଗୁଟେ ରଙ୍ଗମଞ୍ଚ । ଇଟା ପୃଥିବୀର ସବୁନୁ ବଡ଼ ଖୁଲା ରଙ୍ଗମଞ୍ଚ । ବରଗଡ଼ର ସମସ୍ତେ ଗୁଟେ ଗୁଟେ କଲାକାର୍ । ଏଗାର ଦିନ ଧରି କରି କଂସର ଦବଦବା, ଗର୍ଜନଥି ବରଗଡ଼ ଦୁଲକୁଥିସି । ହାତୀନ ବସିକରି କଂସ ମହାରାଜ ଦିନ ବେଲା ସବୁ ପଡ଼ାକେ ଯାଇକରି ପରଜାମାନଙ୍କର ଗୁହାରି ଶୁନ୍‌ସନ୍ । ଅଫିସର୍ ମାନଙ୍କୁ ଜରିମାନା କର୍‌ସନ୍ । ସେ କଲେକ୍ଟର ହେଉନ୍ କି ମନ୍ତ୍ରୀ ହେଉନ୍ ତାଙ୍କର କଥାକେ ମାନବାକେ ବାଧ୍ୟ ଆନ୍ ।

ଇ ଏଗାର ଦିନଯାକ ବିଷ୍ଣୁଙ୍କର ପୂଜା ନାଇଁ ହୁଏ । ଯାତ୍ରା ଉତାରୁ କଂସ ହେଇଥିବାର୍ କଲାକାର୍ କୃଷ୍ଣ ମାହାପୁରୁଙ୍କୁ ଗାଲି ଦେଇଥିବାର୍ ଲାଗି ପୁରୀ ଯାଇକରି ମହୋଦଧୀ ରେ ଗାଧି କରି ଜଗନ୍ନାଥ ମାହାପୁରୁଙ୍କୁ କ୍ଷମା ମାଗସନ୍ । ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ୍ କରିକରି ଯାତ୍ରା ସମାପ୍ତ କରସନ୍ ।

****

# ଛେରା ଛେରା ଭିତରେ ନ୍ୟାସୀବାଦ



**ଡ. ସୁଧାଂଶୁ ଭୂଷଣ ଷଣ୍ଢ**
ଗୁଞ୍ଜାମାଲ, ସମ୍ବଲପୁର

ଆମର ପଛିମ୍ ଉଡ଼ିଶା କହ କି ସମ୍ବଲପୁର ଅଞ୍ଚଲ କହ "ପୁଷପୁନି" ଗୁଟେ ଖୁସିର ପରବ ଆଏ । ଇ ତିହାର ସବୁ କାମ କବାର ବରଷ ଟାକର ସାରଲା ପରେ ନିଜର ଲାଗି ଦିନ ଟେ ବାହାର କରସି ଚାଷି ଭାଇ ଆର ମନାସି ଗୁଟେ ତିହାର ଯାହାର ନା ହେଲା ପୁଷପୁନି । ଇନେ କେନ୍ସି ଦେବୀ ଦେବତା କେ ପୂଜା କର୍ବାର କେ ନାଇଁ ପଡ଼େ ଖାଲି ପେଟ ପୂଜା କେ ବେସି ଧିଆନ ଦିଆ ହେସି । ମୁନୁସ ଖୁସିରେ ସବୁ ଦୁଃଖ ସୁଖ ଭୁଲିକି ଖାଏସି, ପିଇସି ଆର ନଚା ଡେଗା କରସି । ଖାଲି ସେତକି ନୁହେ ମନ୍ ଭିତରେ ଥିବା ହିଂସା ହଂକାର କେ ବି ଭୁଲି ଜାଏସି । ଇନେ ଖାଲି ନିଜର ପରିବାର ଆଉ ପେଟ କଥା ନାଇଁ ଭାବିକରି ପୁରା ସମାଜରେ କିଏ ଖାଏଲା ନାଇଁ ଖାଏଲା ବି ଧିଆନ୍ ଦିଆ ହେସି । ଛେର୍ ଛେରା ଦେଇ ଲୋକ ମାନକର ଅଭାବ ଅସୁବିଧା କେ ବି ଦୂର କରା ଯାଇ ପାର୍‌ସି । ଲୋକ ଖୁସିରେ ଦାନ ଦକ୍ଷିଣା ଦେସନ୍ ଆର ନେବାର ଲୋକ ବି ଖୁସିରେ ନେସନ୍ । ଇ ପରବ ଗାନ୍ଧୀଜୀଙ୍କର ନ୍ୟାସୀବାଦର (Trusteeship) ସବୁନୁ ବଢେଟେ ଉଦାହରଣ ଆଏ କହେଲେ ଭୁଲ ନାଇଁ ହଏ । ଗାନ୍ଧୀଜୀ କହୁଥିଲେ ଯେ, ଯେତିକି ଦରକାର ଆମେ ସେତକି ଖର୍ଚ୍ଚା କରମା ଆଉ ଯେନଟା ଅଧିକା ଅଗଲି ଯିବା ସେଟାକେ ସମାଜର ଗରିବ ବର୍ଗର ଲୋକଙ୍କୁ ଦାନ କରିଦେମା । ହେଲେ ଇ କଥା କେ ଆମର ସମାଜ କେତେ ଗ୍ରହଣ କରିଛେ ସେଟା ଆମେ ଜଲଜଲ କରି ଦେଖି ପାରୁଛୁଁ । ଧନୀ ଆଉ ଧନୀ ଆଉ ଗରିବ ଆଉ ଗରିବ ହେଇ ହେଇ ଯାଉଛେ । ଇ କଥା ଛାଡ଼ି ଦେଲେ ଇ ପୁଷପୁନି ତିହାର କଂସ ରଜା ମହାପୁରୁ ହାତୁ ମର୍ବାର ଆଉ ଧରତି ରାକସ ମାନକର ହାତୁ ଉଦ୍ଧାର ପାଏବାର ଉଧେ ଉସତ ହେବାର ଦିନ ହିସାବେ ବି ମନା ଯାଉଛେ । ସତେ ତ, ଆମର ଇ ପୁଷପୁନି ପରବ୍ ଖାଲି ଖାଉରୀ ପରବ୍ ନୁହେ ଇତାର ଭିତରେ କେତେ ବି କେତେ କଥା ଲୁକିକରି ଅଛେ ଯେ ଆମେ ହିସାବ କଲେ ତାର ମୂଲ ଦେଇ ନାଇଁ ପାରୁ ନ । ଆମର ପରବ, ଆମର ଗରବ ।

****

# ଇ ଘରର୍ ବୁଢୀ କାହିଁଗଲା

**ସଙ୍ଗୀତା ମୋହନ ଗହିର୍**
ବାହାଦୁର ବଗିଚାପଡା
ଭବାନୀପାଟନା, କଳାହାଣ୍ଡି

ବୁଢା ଦଦା ଆର୍ ବୁଢୀ ବାଇ ମୋର୍
ଗାଁ ଛାଡିକରି ଆଏଲେ ସହର୍

ମଗଶିର୍ ଗଲା କେ ପୁଷ୍ ଆଏଲା ଧାଇଁ
ବୁଢୀ ବାଇ ମୋର୍ ଟାଉନେଁ ନୁରୁଛେ ଜୁଏ ଉମ୍ହେଇଁ

ଜାନୁଆରୀ ପହେଲା ଦୁଇ ବୁଢାବୁଢୀ
ସାଙ୍ଗେ ବସିକରି ଖାଉଥିଲେ ମୁଢି

କଲୋନୀର୍ ପିଲା ଟୁକେଲ୍ ଆଏଲେ ମାଡି
କିଏ ବଲେ ହେପି ନିଉ ଇଅର୍ ଗୋ ଦଦା
କିଏ କହେ ନୁଆ ବଛର୍ ମୁବାରକ୍ ଗୋ ବୁଢି

ଦଦା ବାଇ ବୁହେଁ ହେଲେ ଆଚମିତ୍
ଇଟା କାଏଁ ତିହାର୍ ଆରୁ କେନତା ଗୀତ୍

ବାଇ ବଲେ ଦଦା କେ ହଏ ଗୋ
ଆର୍ ଦିନାଦୁ ଗଲେ ଆଏବା ପୁଷପୁନି ତିହାର୍

ସୁଆଁଲି ଅରସା ମଡା ସାଙ୍ଗେ ଖାଏମାଁ
ମନ୍ ଭରି ଝୁରି ଆର୍ ଶିକାର୍

ବୁଢା ଦଦା ବଲେ ଇଟା ଗାଁ ନୁହେଁ ସେ
ଟାଉନ୍ ଆଏରେ ବୁଢୀ

ଆଘର୍ ତିହାର୍ ବାହାର୍ କେ
ଲୋକ୍ ମୁହୁଁ ଦେଲେନ ମୁଡି

କାହିଁ ପାଏବୁ ଇନେ ଅରସା ସୁଆଁଲି ମଡା
ମାଟିର୍ ମୁନୁଷ୍ ଇନେ କିହେ  ନାଇଁନ ସଭେ ଷ୍ଟିଲ୍ ଥି ଗଢା

ଚାଲ୍ ଯିମା ଆମର୍ ଗାଁ କେ ଫିରି
ପୁଷପୁନି ଦିନେ ଛେରଛେରା ଦିଅ ଗୋ ବଲି ପଡବା ସେନେ ହୁରି

ତୁଇ ଥିଲେ ସିନା ଛୁଏ ଆଏବେ ବେଗ୍ ମୁନା ଧରି
ଆରୁ ବାଟ୍ ଦୁଆରୁ ଶୁଭୁଥିବା

ଛେର୍ ଛେର୍ ଛେର୍ ଛେରା
ଇ ଘରର୍ ବୁଢୀ କାହିଁଗଲା
ଛେର୍ ଛେର୍ ଛେର୍ ଛେରା
ଇ ଘରର୍ ବୁଢୀ କାହିଁଗଲା

****



# ମୋର୍ ପୁସ୍‌ପୁନି

**ସନ୍ତୋଷିନି ନାଗ୍**
ଘଞ୍ଚରା ବଲାଙ୍ଗିର୍

ନାଇଁ ଜାନେ ମୁଇଁ କାରତିକ୍, ମଗ୍‌ଶିର୍
ପୁସ୍‌ପୁନି, ମାଗ୍, ଫଗୁନ୍
ଶରାବନ୍ ଭୁଦୋ କିଆସୁ ଦଶ୍‌ହରା
ସବ୍‌କର୍ ଗଉଥିସିଁ ଗୁନ୍ ।
ଯେନ୍ ଦିନେ ହେଲା କୁକ୍‌ରା ଚିମ୍‌ରା
ସେ ଦିନ୍ ଟା ମୋର୍ ପୁସ୍‌ପୁନି
ମୋର୍ ମନର୍ ରଜା ମୁଇଁ ଆଏଁ ଧନରେ
କାଁ ଯେ ହେମି ମୁଇଁ ଘାଁଟିସାନି ।
ପିଇଲେ ଢୁକେ କି ସର୍‌ଗେ ଦେଖୁଛେଁ
ସୁନ୍ଦରି ସୁନ୍ଦରି ଅପ୍‌ସରା
ଖଟ୍‌ପିଢ଼ାଁହ୍ ମତେ ଚାହାନା ନି ନ
ସଜ୍ ପଲଁକ୍ ମୋର୍ ରୋଡ୍ ତରା ।
ନାଚ୍ ଗାଆନାଁ ବଜା ହର୍ମିସା ମୋର୍
ଛେର୍‌ଛେରା ମଗା ଅଠିପହର୍
ମହ ମହ ହେଇ ମହକି ଯଉଥିସିଁ
ବିନ୍ ଫୁଲେ ମୁଇଁ କଲାଭଅଁର୍ ।
ଚାଖ୍‌ନା ସାଙ୍ଗେ ମୋର୍ ଭାବ୍ ଜୁଡିଛେ
କେତେ ଦେଖ୍‌ବୁ ସଁସେ ଆଦର୍
ଘରର୍ ସିଆନି ଝାଡୁ ମୁଠା ଧରି
ସବୁ ଦିନ୍ ମୋର୍ ଝାରେ ନଜର୍ ।
ଛନା ପନା ମାଢ଼େ ମହକିସି ସିନା ।
ଖାଏଦ ହଉ ନି ଯେତେ ଅଏନ୍
ପୁସ୍ ପୁନି ହଉ କି ହଉ ଶିରାବନ୍
ନାଇଁ ରୁଚେ ଗା ଅରନ୍ ପାଏନ୍ ।
ଅଗ୍‌ଲାଉଛ୍‌ଲା ନାଇଁ ଦେଖେଁ ମୁଇଁ
ଭଣାଁର୍ ଘର୍‌ନ ମାର୍‌ସିଁ ହାତ୍
ଘରର୍ ଦରବ୍ ଯାକ ସବୁ ସାରି ଦେଇ
ମାହେଁଜିର୍ ପଛେ ଖାଏସି ଲାତ୍ ।
ମାରିଦେଲେ ଢୁକେ କି ଝରି ପଡ୍‌ସି
ମୋର୍ ଭାବ୍‌ପିର୍‌ତିର୍ ଝରନ୍
ପୁସ୍‌ପୁନି ମାଗ୍‌ପୁନି ନୁଆଁବଛର୍
ସବ୍‌କୁ କର୍‌ସିଁ ମୁଇଁ ବରନ୍ ।
ଏନ୍ତା ମାନ୍‌ସିଁ ତିହାର୍ ବାହାର୍ ମୁଇଁ
ମନ୍ କେ ମୋର୍ କରି ଶାନ୍ତି
ଗାଏଗଙ୍ଗା ବାଗିର୍ କେତ୍‌ନି ସୁତର୍
ମୁଲ୍‌ହୁ ନୁହେଁସେ ମୁଇଁ ଅମାନ୍ତି ।

****

# ପୁଷ୍ ପୁନି

**ଡ. ଉମେଶ ନାରାୟଣ ଦାଶ**
ଦେଶପଥର୍ଲା, ବରଗଡ଼
ସଂସ୍କୃତ ଶିକ୍ଷକ, ଡିପିଏସ୍, ରାଉରକେଲା

ପୁଷ୍ ପୁନି ଆଏ ଆମର୍ ତିହାର୍
ବଜା ନାଚ୍ ଗୀତ୍ ଖିଆପିଆର୍
ଉଷତ୍ ଆନନ୍ଦ୍ ମାଏନ୍ ବେଭାର୍
ଡକା ହକା ଦେବାର୍ ନେବାର୍ ।। ୧

ବଛର୍ ଟାକର୍ କବାର ବୁତା
ପାସ୍‌ରି ସବୁ ଉର୍‌ଘା ବଥା
ସରସ୍ ମନ୍ କେ ହରଷ୍ କଥା
ବୁଢ଼ାବୁଢ଼ୀନୁ ଛୁଆ ପୁତା ।। ୨

କ୍ଷେତର୍ ଧାନ୍ ଖଲାକେ ବୁହା
ଖଲାର୍ ଧାନ୍ ଘରେ ଥୁଆ
ଆର୍ ନାଇଁ ଲାଗେ କୁର୍‌ମା ଶୁଆ
ବୁଢ଼ା ବଲେ ହେଲାରେ ବୁଆ ।। ୩

ଚାଷୀର୍ ଘରେ ଛଛଲ୍ ଗନ୍ଦଲ୍
ଧାନ ଭଦ୍ ରି ଧଧର୍ ସମଲ୍
ଖଲା ବାରି ଗହଲ୍ ଚହଲ୍
ଗାଁଖୁଲିଥି ବାଜେ ମାଁଦଲ୍ ।। ୪

କରେହି ଡାକେ ଚେଁ ଚେଁ
ଗାଆଁ ମୁଡେ ମେଁ ମେଁ
ବୁଢ଼ୀ ଛେର୍ ଛେରା ଦେଦେ
ଉଷଦ୍ ମନେ ନେ ନେ ।। ୫

ମିତ୍ ମହାସାଦ୍ ଅଢ଼ିଆ ଦିଆ
ଚୌକିଦାରର୍ ଡାକ୍ ଦିଆ
ଆସ୍ ବିଶ୍ୱାସ୍ ଦିଆ ନିଆ
ପିଠା ପନାର୍ ଖିଆ ପିଆ । ୬

ଗାଁର୍ ଠାନୁ ସହର୍ ଯାକେ
ଉଷତ୍ ଆନନ୍ଦ୍ ଛକେ ଛକେ
ତାସ୍ ବାଗ୍‌ଡି ଜାକ୍ ଜମକେ
ଗୁଡୁ ଖେଲର୍ ଡାକେ ହାକେ ।। ୭

ମଦ୍‌କେ କର ନାଇଁ ନାଇଁ
ସବୁ ଯାଏସି ବେକାର୍ ହେଇ
ସୁଖେ ରହେମା ଯିଏ ଯାହିଁ
ଜୁହାର ମାଁ ଗୋ ସମଲେଇ ।। ୮

****



# ଦେଶର୍ ପିଲା

**ଶ୍ରୀଧର୍ ସୁନା**
ସେକ୍ଟର-୧୯, ଆଇ.ଜି.ଏଚ୍ କଲୋନୀ,
ରାଉରକେଲା-୫

ମାଁ କେ ମାର୍‌ସ ଲାତ୍ ପୂଜା କରସ୍ ମାଉସୀକେ,
ସୁନା ରୂପା କାଏଁ ଅକାଲ୍ ପଡ଼୍‌ଲା ବେଁକେ ପିନ୍ଧୁଛ ପଏଁରି କେ ।।

ପରର୍ ଭାଷା ପରର୍ ଭେଷେ, କାଏଁ ଯେ ମୁରୁଛ ମେଛାଁ,
ପାରବ୍ ହେଲେ ଫିରାଆ ଢେଟ୍‌ନିର୍ କର୍‌ଜା ମାରି କଛା ।

ପୁର୍‌ଥି ମଏଧେ ଭାରତ୍ ମାଏଟ୍ ତା'ର ମଏଧେ ଉଡ଼୍‌ସା,
ଉଡ଼୍‌ସା ମଏଧେ କୁଶଲ ରାଏଜ୍ ଯେନ୍‌ଟା ପର୍ଷିମ୍ ଉଡ଼୍‌ସା ।

କୁଶଲି ଭାଷା ସମଲ୍‌ପୁରି ଘିଅର ଅର୍‌ସା ପିଠା,
କହି ଯାନ୍‌ଲେ ଟୁଣ୍‌କେ ସୁଆଦ୍, ଶୁନ୍‌ଲେ ଲାଗ୍‌ସି ମିଠା ।।

ପାସରି ମାଁ ବୁଆର୍ ସେବା, କଥା କହେସ ବଢ଼ି,
ମାରସ ଛୁଛେ ସୁଖା ଫୁଟାନି, ସର୍‌ଗୁଥିଲ କାଏଁ ପଡି ।।

ହେ ମାଁ-ମାଏଟ୍, ପବନ, ପାନି, ବଢ଼ି ଉଡ଼ି ହେଲ ଏଡ଼୍‌କି,
ନାଇଁ ଜାନ କାଏଁ, ସେଡ଼୍‌କି ପୁଲା ବାଉଁଶ ଥିବା ଯେଡ଼୍‌କି ।

ଦେଖ୍‌ଲା ବେଳ୍‌କେ ଗାଁଥି ଅଛେ ଅଚଲ୍ ଚଲ୍ ସରିଆ
ପରର୍ ଦେଶେ ଗଧ ମିତାର୍ ଖଟ୍‌ସ ଯାଇ ଭେଟିଆ ।।

ହେଇ ଗଅଁଲିର୍ ଜନମ୍ କରମ୍, ଆଏଜ୍ ହେଲ ସିନେ ସହରି,
ମାଗି ଯାଁଚି କରି ତିନ୍ ଖଣିଆ କେହେ ନାଇଁ ରାନୁ ମୋହରି ।।

ସୋର୍ ରଖିଆ ଦେଶର୍ ପିଲା ପରେ ନାଇଁ କରେ ଆସ୍,
ଭୁକେ ପଟ୍ ପଟ୍ ମରୁଥିଲେବି, ବାଘ୍ ନାଇଁ ଖାଏ ଘାଁସ ।।

ଦେଶର ଟେକ୍, ବାପର୍ ମେଛା ନାଇଁ କର୍ ଭାଏ ତଲ୍,
ଛାତି ଢ଼େରି ମର୍ କାଁ ଯେ ପଛେ, ମାଁ ସମ୍‌ଲେଇଦେବେ ବଲ୍ ।।

****

# ଫୁସ୍‌ପୁନି ଆଗରୁ କୁକୁରା ମାର୍

**ସଙ୍ଗୀତା ଦିପ୍**
ବରଗଡ଼, ହାଟପଦା

ବଏଲର୍ ବଲେ ଦେସିକେ ସାଙ୍ଗେ ମୋର୍
ଜୁଲି ହେବୁ କାଏଁ ତୁଇଁ,
ଧୋପ୍ ଫରଫର୍ ଚକାଜନ୍ ମୁଇଁ
ପାଦ୍ ନଇଁ ପଡେ ଭୁଇଁ ।।

ଚିତ୍‌ରି କାବ୍‌ରି ବିଲେଇ ଘିଁଟି ତୁଇ
କେତେ ହେଉଥିସୁ ଚାଖି,
ଛାଏଁନ୍ ପିଡାଁ ପିଡାଁ ଡେଗି ମରୁଥାଉ
ନାଇଁ ଛାଡୁ ଘର୍ ବାକି ।।

କୁଲାର୍ ଚାଉଲ୍ ବାରିର୍ ମନ୍ଦା
ଠୁକି ଖାଉ ପସି ପସି,
ଘରେ ଘରେ ଗାଲି ତୋର ଲାଗି ସଭେ
କଲି ଲଗେଇ ହେସୁ ଖୁସି ।।

ତେର ବଛରେ ପିଲା ଜୁଆନ ହେଲେ
ବାହାରିଲା ମେଛା ଡ଼ାଢି,
ଝି ଧନ୍ ସବୁ ବୟେସ୍ ଆଗରୁ
ଦସ୍ ବଛରେ ଗଲେ ବଢ଼ି ।।

ତୋର୍ ଲାଗି ଆଏଜ୍ ବେମାର୍ ଛେମାର୍
ଟିକେ ତ' ଲାଗୁ ଲାଏଜ୍,
ସସ୍ତା ଦମାର ଅବସ୍ଥା ଖାଡ଼ି
ରଙ୍ଗ ରୂପେ କରୁ ବାଏଜ୍ ।

ତୁନ୍ ପରେଇ ଦେଖେ ମେଲଛା ବୁଡ୍ରା
ଦେଖି କରି କଲି ଗାଲି,
ଦୁହିତା ଅ'ମୋର୍ ସୁନରି ବୁହେନ୍
ତୁମର୍ ନୁହେ କିହେ ଜୁଲି ।।

ଛୁଛାଟାକେ ହିଁସା ଅହଁକାର୍ ହେଇ
ସମିୟା ଗଡ଼ ବେକାର୍,
ସଖାଲ୍ ପାଏଲେ ଫୁସ୍‌ପୁନି ଆଏ
ମୁନୁସର ହେମା ଶିକାର ।।

ଛୁଆକୁ ଜାଇ ଲାଡ୍ ଗେଲ୍ କର
ରାତେ ଥି ଭରି ମନ୍,
ନାଇଁ ଛଚି ତ ମୁନସକର୍ ଲେଖେ
ତାକର୍ ଲାଗି ଆମେ ଧନ୍ ।।

ଗାଲେ ଦେଉଥିବ ଦୁଦିଟା ଚୁମା
କାନେ ଦେଉଥିବ କହି,
ସସାଁର୍ ଜଞ୍ଜାଲେ ଦୁଃଖ ସୁଖ୍ ସବୁ
ମୁଡ୍ ପାତି ଜିବ ସହି ।।

ସବୁଦିନର ଲାଗି କଟିଛେ ଟିକଟ୍
ଜିମୁ ସଖାଲେ ବାହାରି,
ନିର୍‌ମାୟା ଆମେ ଛେଲ୍ କୁକୁରା ମେଢ଼ି
ଠାନ୍ ଆମର୍ ସରଗପୁରି ।।

ଦିହି ଟାକ ଆମର ଖାର ନାଇଁ ହୁଏ
ମାଟି ନାଇଁ ଜାଉ କୁହି,
କେତେ ପୁଇଁନ୍ ଆମେ କରିଛୁଁ ବଲି
ମୁନୁଷ ଦିହେଁ ଥିମା ରହି ।।

****



# ଅଏରସା

**ଯଶସ୍ୱୀମୟୀ ପତି**
ବଦୁଆପାଲି, ସମ୍ବଲପୁର

କମ୍ ଖର୍ଚ୍ଚା ଆର୍ ସହଜେ ବନିପାରୁ ଥିବାର୍ ଗୁଟେ ସୁଆଦ୍ ଆର୍ ଜହଦିନ୍ ତାଜା ଭାବେ ସଁଚି ହେଉଥିବାର୍ ପିଠା ହଉଛେ ଅଏରସା । ହେ ଗୁନୁ ପଶ୍ଚିମ୍ ଓଡ଼ିଶା ନୁ ଇଟା ଜହ ଲୋକ୍ ଆଦରି ହେଇଛେ । ପଶ୍ଚିମ୍ ଓଡ଼ିଶାର ତିହାର୍ ବାହାରଥି ଅଏରସାର ଗୁରଦୁ ଟେ ଚଲନ ଅଛେ । ଜଲଖିଆ ହଉ କି କୁନୁଆଁ ବଟା ହଉ ସବୁଥି ଅଏରସାର ବଡା ବେଭାର ଅଛେ । ହେତିର୍ ଲାଗି ଆଜିକାଲି ଗୁରିଆ ଦୁକାନ୍ କି ଅଲଗା ଖାନାପିନା ଦୁକାନ୍ ମାନକେ ଅଏରସା ବଡା ବିକ୍‌ରି ହଉଛେ । ଆସୁନ୍ ଜାନ୍‌ମା ଇଟା କେନ୍ତା କରି ବନାହେସି ।

୧୨୫୦ ଗ୍ରାମ୍ ଅଲୁଆ ଚାଉଲକେ ପାଖାପାଖି ୨ ଘଣ୍ଟା ବୁଡ୍‌ରେଇଦେମାଁ । ପାଏନ୍ ଥି ଛାନିକରି ପଙ୍ଖା ପବନଥି ୨୦/୨୫ ମିନିଟ୍ ସୁଖେଇଦେମାଁ । ତାପରେ ଗ୍ରାଇଣ୍ଡିଂ କରି ଚୂନା କରିଦେମା । ଉସାର୍ ପିତଲ୍ କି ଗେଲଠି ତସଲା ଜେନ୍‌ତି କି ସହଜେ ଜତନୀ ଘାଁଟି ହେବା ହେନ୍ତା ବାସନଟାକେ କପେ ପାଖାପାଖି, ୧୫୦ ମିଲିଗ୍ରାମ୍ ପାଏନ୍ ଚୁଇଲ୍ ଉପରେ ବସାମା । ୧ କେଜି ଭେଲିଗୁର୍ ପକେଇ ଗୁର୍ ପାଗ୍‌କରମା । ୧୦/୧୫ ମିନିଟ୍ ଚୁଇଲ୍‌ଥି ବସାଲା ଉତାରୁ ଗୁର୍ କେ କଁଚା ପାଏନ୍‌ଥି ପକାଲେ ଗୁର୍ ମୁଡା ଧରବାର୍ କଥା, ହେଲେ ଜହ ଟାନ୍ ନାଇଁ ହେବାର୍ କଥା ଜେନ୍ ଟାକେ ଜୁଗାର୍ ପାଗ କହେସୁଁ । ଗୁର୍ ପାଗ୍ ହେଲା ଉତାରୁ ଚୂନା ଆର୍ ୫ ଗ୍ରାମ ଇଲାଚି ଗୁଁଣ୍ କରି ପକାମା ଆର୍ ଯତନି ଘାଁଟି ଦେମା । ଚାଉଲ୍ ଆର୍ ଗୁର୍ ଭଲଭାବେ ମିଶ୍‌ବାର୍ ଚାହି । ଯତନି ହେଲା ଉତାରୁ ତେଲ୍ ହାତ୍ ହେଇକରି ଜତନି କେ ଚିଟ୍‌କମା ଆର୍ ଗୁଲି ଧରମା । ଥାଲି ଟାକେ ରାଶି ପକେକରି ଗୁଲିକେ ତାର୍‌ମା । ତାର୍‌ଲା ଅଏରସାକେ ରିଫାଇନ୍ ତେଲ୍‌ଥି ଛାନି ଆନ୍‌ମା । ଅଏରସା ଶୀତଲ ହେଲା ଉତାରୁ ଡ଼ବାଟାକେ ଭରି କରି ରଖିଥିମା ଆର୍ ମାସେତକ୍ ଜଲଖିଆ ଆକାରରେ ଖାଏଲେ ବି ଦେହେକେ ଅମାରକ୍ ନାଇଁ କରେ ।



****

# ଛେର୍ ଛେରା

**ଶିବାନି ପାଢି**
ବାଲିକୁଲୁଣ୍ଡା, ବରଗଡ଼

ଢିକିଡ୍ ଢିକିଡ୍, ଗାଆଁ ଘରେ ଢେକିଁ
ଚାଉଲ୍ ଚୁନା କୁଟ୍‌ଲାନ,

ଗାଆଁର୍ ଖୁଲିଖୁଲି, ଛୁଆକର୍ ଟୁଣ୍ଡୁ,
ଛେର୍‌ଛେରା ମଗା ଶୁଭ୍‌ଲାନ,

ପୁଷ୍‌ମାସ୍ ଯାଇ, ମାଘ୍‌ମାସ୍ ଦେଖ,
ଆଏମି ଆଏମି ବଏଲା ନ,

ଅଏରସା ପିଠାର୍ କଁହର୍ ସଁଗେ,
ଦେଖ୍ ପୁଷପୁନି ଆଏଲା ନ ।

****

# Achievements

**POSP Office Building Work & One Guest Room Completed with roof casting done & One Guest Room with part of cultural centre Hall roof casting is awaited**

## ACTIVITIES OF POSP BOTH CULTURAL & WELFARE

POSP jointed diabetic walkers group from Madhusudan Chowk to Ambedkar Chowk, Uditnagar on 14th November 2024.


Several Drug De-addiction programme organised headed by Umesh Behera.

## Upcoming events of POSP

Veer Surender Sai Jayanti : 23.01.2025
76th Republic Day : 26.01.2025
Phagun Puni : 14.03.2025
Pana Sankrnati & Annual General Body Meeting : 14.04. 2025

## Upcoming Parbaparbani

Makar Sankrnati : 14.01.2025
Magh Unash : 29.01.2025
Phagun Puni : 14.03.2025
Holi : 15.03.2025
Pana Sankrnati : 14.04. 2025



PASCHIM ODISHA SANSKRUTIK PARISHAD ROURKELA

# PRESS & MEDIA
# COVERAGE

